ଜିଲ୍ଲା କାର୍ଯ୍ୟାଳୟ : ବରଗଡ଼

(ସମାଜ ମଙ୍ଗଳ ବିଭାଗ)

ବିଜ୍ଞପ୍ତି ସଂଖ୍ୟା ୨୩୭୯ତା : ୦୭.୦୯.୨୦୧୯

ଠିକା ପ୍ରସ୍ତାବ ବିଜ୍ଞପ୍ତି

୨୦୧୯-୨୦ ଆର୍ଥିକ ବର୍ଷରେ ତୃତୀୟ ଥର ବରଗଡ଼ ଜିଲ୍ଲା ପାଇଁ ଗହମ ଭିତ୍ତିକ ପୁଷ୍ଟିସାଧନ ଯୋଜନା ମାଧ୍ୟମରେ ଗହମ ଓ ଚାଉଳ ତଥା କିଶୋରୀ ବାଳିକା କାର୍ଯ ସୂଚୀ ପାଇଁ ଗହମ ଶସ୍ୟ ପରିବହନ ସକାଶେ ଇଚ୍ଛୁକ ବ୍ୟକ୍ତି / ବଣିକ ଦଳ/ ନିଗମ ନିକାୟ / ବ୍ୟବସାୟ ପ୍ରତିଷ୍ଠାନ , ଯାହାଙ୍କର ଓଡିଶା ମୋଟର ଯାନ ( କାର୍ଯ୍ୟ ପରିଚାଳନା ଅନୁମତି ) ଅଧିନିୟମ ୧୯୯୦ ଅନୁଯାୟୀ ବୈଧ ପ୍ରମାଣ ପତ୍ର ଥିବ ଓ ଦ୍ରବ୍ୟ ଓ ସେବା କର (GST) ଅଧିନିୟମ ଅନୁସାରେ ତାଲିକାଭୁକ୍ତ ହୋଇଥିବେ ସେମାନଙ୍କ ଠାରୁ ନିର୍ଧାରିତ ଠିକା ଫାରମ ଜରିଆରେ ଜଉମୁଦ ଠିକା ପ୍ରସ୍ତାବ ଆମନ୍ତ୍ରଣ କରାଯାଉଛି । ଠିକା ପ୍ରସ୍ତାବ ଜନିତ ସମ୍ପୂର୍ଣ ବିବରଣୀ ତଥା ସର୍ତ୍ତ ଓ ନିୟମ , ବଏନା ଜମା, ସଂଗତି ସମ୍ପର୍ନତା ପ୍ରମାଣ ପତ୍ର, ବୈଧାନିକ ଆବଶ୍ୟକତା ଇତ୍ୟାଦି ଉପରେ ପର୍ଜ୍ୟବେଶିତ ଠିକା ପ୍ରସ୍ତାବ କାଗଜାତ ଜିଲ୍ଲା ୱେବ ସାଇଟ www.bargarh.nic.in ରେ ଉପଲବ୍ଧ ଅଟେ । ଠିକା ପ୍ରସ୍ତାବ ସହିତ ଠିକା ପ୍ରସ୍ତାବ ଦେୟ ବାବଦକୁ ଅନାଦେୟ ୫୦୦୦ ଟଙ୍କା (ଅକ୍ଷରାଙ୍କେ ପାଞ୍ଚ ହଜାର ଟଙ୍କା) ମାତ୍ର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଦେୟ ଧନା ଦେଶ / ଦର୍ଶନୀ ହୁଣ୍ଡି ଦାଖଲ କରିବାକୁ ପଡିବ। ଆବେଦନକାରୀ ସମସ୍ତ ପ୍ରକାରେ ସମ୍ପୂର୍ଣ ଠିକା ପ୍ରସ୍ତାବ ଏବଂ ତତ ସମନ୍ଧିୟ ଅନ୍ୟାନ୍ୟ ଆବଶ୍ୟକୀୟ ଦସ୍ତାବିଜ ଥିବା ଜଉମୁଦ ଲଫାଫାକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କର୍ଜୟାଳୟରେ ଥିବା ସ୍ୱତନ୍ତ୍ର ଠିକା ପ୍ରସ୍ତାବ ବାକ୍ସରେ ତା॰ ୨୦॰ ୯॰୨୦୧୯ ଦିନ ସନ୍ଧ୍ୟା ୫.୦୦ ଘଟିକା ସୁଦ୍ଧା ଦାଖଲ କରିପାରିବେ । ଠିକା ପ୍ରସ୍ତାବ ଗୁଡିକ ତା. ୨୧. ୯ .୨୦୧୯ ଦିନ ୧୧.00 ଘଟିକା ସମୟରେ ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ଗ୍ରାମ୍ୟ ଉର୍ଣ୍ଣୟନ ସଂସ୍ଥା ବରଗଡ଼ଙ୍କ ଦ୍ୱାରା ଠିକା ପ୍ରସ୍ତାବ କମିଟିର ସଦସ୍ୟ ଗଣ ତଥା ଆବେଦଙ୍କରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯାଇ ତନଖି କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ ବା ଧାର୍ଯ୍ୟ ଗ୍ରହଣୀଯ ବ୍ୟବସ୍ଥା ବ୍ୟତିରେକ ଅନ୍ୟ ଉପାଯରେ ଦାଖଲ କରାଯାଇଥିବା ଠିକା ପ୍ରସ୍ତାବ ଗୁଡିକୁ ଠିକା ପ୍ରକୀୟାରେ ବିଚାରକୁ ନିଆନଯାଇ ଖାରଜ କରିଦିଆଯିବ ।

ଠିକା ପ୍ରସ୍ତାବ ଦସ୍ତାବିଜରେ ଯାହା କିଛି ଉଲ୍ଲେଖ ଥାଉ ନା କାହିଁକି, ନିମ୍ନ ସ୍ବାକ୍ଷରକାରୀଙ୍କ ପାଖରେ ଯେ କୌଣସି ସମୟରେ ଠିକା ପ୍ରସ୍ତାବ ଗୁଡିକୁ କୌଣସି କାରଣ ଉଲ୍ଲେଖ ନ କରି ଆଂଶିକ ବା ସମ୍ପୂର୍ଣ ରୂପେ ସଂଶୋଧନ କିମ୍ବା ରଦ୍ଦ କରିବାର କ୍ଷମତା ରହିଅଛି ।

ଏଣୁ ଇଂରାଜୀ ବିଜ୍ଞପ୍ତି ସଂଖ୍ୟା ୨୩୭୩ ତା. ୦୭.୦୯.୨୦୧୯ ସହିତ ତାର ଅବିକଳ ଓଡିଆ ବିଜ୍ଞପ୍ତିକୁ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲ।।

ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ,
ବରଗଡ଼

ପରିପତ୍ର ସଂଖ୍ୟା ୨୩୮୦ ତା. ୦୭.୦୯.୨୦୧୯

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ବରଗଡଙ୍କ ଅବଗତି ତଥା ଜିଲ୍ଲା ୱେବସାଇଟ ରେ ଉପଲବ୍ଧ କରିବା ନିମନ୍ତେ ଅନୁରୋଧ କରାଗଲା।

ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ,
ବରଗଡ଼